# ଶ୍ରମିକଙ୍କୁ ରାସନ ସାମଗ୍ରୀ ଦେଲା ଦରବାର ସାହିତ୍ୟ ସଂସଦ



ନରଦା,୨୫।୪/ଏନ୍‌ଏନ୍‌ଏସ୍: ବାଲିପାଟଣାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଦରବାର ସାହିତ୍ୟ ସଂସଦ ଓ ଟେକ୍ ମହିନ୍ଦ୍ର ଫାଉଣ୍ଡେସନ୍‌ର ମିଳିତ ଉଦ୍ୟମରେ ବାଲିପାଟଣା ବ୍ଲକ୍‌ରେ ବିଭିନ୍ନ ଗ୍ରାମରେ ଇଟାଭାଟିରେ କାର୍ଯ୍ୟରତ ଶ୍ରମିକ ଓ ନିର୍ମାଣ କାର୍ଯ୍ୟରେ ଲିପ୍ତ ଶ୍ରମିକମାନଙ୍କ ୫୦ଟି ପରିବାରକୁ ରାସନ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି ପ୍ୟାକେଜ୍‌ରେ ଚାଉଳ-୭କେଜି, ଡାଲି-୧.୫କେଜି, ସୋରିଷ ତେଲ, ଲୁଣ, ମାସ୍କ ଓ ସାବୁନ ଆଦି ବଣ୍ଟନ କରାଯାଇଛି। ପ୍ରକାଶଥାଉକି, ଉକ୍ତ ଶ୍ରମିକମାନେ ଦୀର୍ଘଦିନ ଧରି ବାଲିପାଟଣା ବ୍ଲକ୍‌ରେ କେତେକ ଜାଗାରେ ଇଟାଭାଟି ଓ ନିର୍ମାଣ ଶ୍ରମିକ ଭାବେ କାମ କରନ୍ତି। କରୋନା ଦ୍ୱାରା ସାରାଦେଶରେ ଲକଡାଉନ୍ ହୋଇଥିବା ସମୟରେ ଏହି ଶ୍ରମିକମାନେ ନିଜ ରାଜ୍ୟକୁ ଯାଇପାରିନଥିଲେ। ମାତ୍ର କାମ ବନ୍ଦହୋଇଯିବାରୁ ଖାଦ୍ୟପେୟର ଅସୁବିଧା ହୋଇଥିଲା। ଉକ୍ତ ଶ୍ରମିକମାନେ ମୁଖ୍ୟତଃ ବିହାର ଓ ଝାଡ଼ଖଣ୍ଡ ରାଜ୍ୟର ବୋଲି ଜଣାପଡ଼ିଛି। ଉକ୍ତ ଖବରକୁ ଦରବାର ସାହିତ୍ୟ ସଂସଦ କର୍ମୀମାନେ ଜାଣିବା ପରେ ସହଯୋଗର ହାତ ବଢ଼ାଇଥିଲେ। କାର୍ଯ୍ୟକୁ ତଦାରଖ କରୁଥିଲେ ଦରବାର ସାହିତ୍ୟ ସଂସଦ କର୍ମୀ ରଜନୀକାନ୍ତ ମହାନ୍ତି, ଅଭିରାମ ବିଶ୍ୱାଳ, ଦୁର୍ଯ୍ୟୋଧନ ବାରିକ ଓ ବିରଞ୍ଚି ରଥ। ସାମଗ୍ରୀ ବିତରଣବେଳେ ଟେକ୍ ମହିନ୍ଦ୍ରାର କର୍ମୀମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ।

ନିତିଦିନ NITIDIN Sun, Apr 26, 2020
http://odishanewsnitidin.com